REGIONAL NEWS UNIT, AIR CUTTACK

Morning Bulletin (7.05 AM)

04th November - 2026

****

Kandhamal/R

ଭୂସ୍ଖଳନ - ଉଦ୍ଧାର

କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ସୀମାନ୍ତ ଭଞ୍ଜନଗର ଗିଡ଼ିପାବାଲିଠାରେ ଭୂସ୍ଖଳନ ଘଟଣାରେ ନିଖୋଜ ବ୍ୟକ୍ତିଙ୍କର ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳ ପ୍ରଭାବିତ ପରିବାରବର୍ଗଙ୍କ ଆଲୋଚନା କରିଛନ୍ତି । ଉଦ୍ଧାର କାର୍ଯ୍ୟରେ ଆଧୁନିକ ଯନ୍ତ୍ରପାତି, ଡ୍ରିଲ୍ ମେସିନ, ଜେନେରେଟର୍ ଓ ସନ୍ଧାନୀ କୁକୁରଙ୍କୁ ନିୟୋଜିତ କରାଯାଇଛି । ପାଗ ଅନୁକୂଳ ନ ଥିବାରୁ ଉଦ୍ଧାର ଅଭିଯାନ ସାମୟିକ ଭାବେ ବାଧାପ୍ରାପ୍ତ ହୋଇଥିବାବେଳେ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନପାଇଁ ପୁନଃ ଅନୁସନ୍ଧାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

Ganjam/R

ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା

ଗଞ୍ଜାମ ଜିଲ୍ଲାରେ ବାତ୍ୟା ଓର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ସ୍ୱାସ୍ଥ୍ୟସେବାର ପୁନରୁଦ୍ଧାର, ଚିକିତ୍ସାଳୟଗୁଡ଼ିକର ଭିତ୍ତିଭୂମି ଏବଂ

ଲୋକଙ୍କୁ ତ୍ୱରିତ ଚିକିତ୍ସା ସୁବିଧା ଯୋଗାଇଦେବା ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମୀକ୍ଷା କରିଛନ୍ତି । ମନ୍ତ୍ରୀ’ ଛତ୍ରପୁର, ଆସ୍କା ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ଲୋକଙ୍କ ନିକଟରେ ଆବଶ୍ୟକ ସେବା ପହଞ୍ଚାଇବା ଉପରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

Desk

ବାତ୍ୟା

ବାତ୍ୟା ମୁରାସୁ ଆନ୍ଧ୍ର ପ୍ରଦେଶର ଦକ୍ଷିଣ ଉପକୂଳ ସ୍ପର୍ଶ କରିବା ପରେ ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

Desk

କ୍ଷେପଣାସ୍ତ୍ର 'ପ୍ରଳୟ'

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା – ଡି.ଆର୍.ଡି.ଓ. ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କ୍ୱାସି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ ହୋଇଛି । ବାଲେଶ୍ୱର ଚାନ୍ଦିପୁରସ୍ଥିତ ପରୀକ୍ଷଣ କେନ୍ଦ୍ରରୁ ଏହାକୁ ପରୀକ୍ଷା କରାଯାଇଥିଲା । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରିପାରୁଥିବା 'ପ୍ରଳୟ' ଦିଗ ପରିବର୍ତ୍ତନ ସହ ପୁନଃ ନିର୍ଦ୍ଧାରିତ ଲକ୍ଷ୍ୟପଥ ଅନୁସରଣ କରିବାର କ୍ଷମତା ରହିଥାଏ । ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ପ୍ରାୟ ୧୫୦ରୁ ୫ ଶହ କିଲୋମିଟର ପର୍ଯ୍ୟନ୍ତ ରହିଛି ।

Desk

ବିଧାନସଭା – ପାଣ୍ଠି ଦାବି

ରାଜ୍ୟ ବିଧାନସଭାରେ ସରକାରୀ ପାଣ୍ଠି ଦାବି ଉପସ୍ଥାପନ ପୂର୍ବରୁ ଆଜିଠାରୁ ୨୦୨୬–୨୭ ଆର୍ଥିକ ବର୍ଷପାଇଁ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ଆସିଥିବା ଅତିରିକ୍ତ ବ୍ୟୟ ମଞ୍ଜୁରି ପ୍ରସ୍ତାବଗୁଡ଼ିକ ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ଏହି ଦୁଇଦିନିଆ ବୈଠକରେ ବିଭିନ୍ନ ବିଭାଗର ଆବଶ୍ୟକତା ତଥା ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ସମୀକ୍ଷା କରାଯିବ । ବିଧାନସଭା ଅଧିବେଶନ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ ।

Desk

ଇ.ଭି. ଚାର୍ଜିଂ ଷ୍ଟେସନ୍

କେନ୍ଦ୍ର ସରକାରଙ୍କ ପି.ଏମ୍. ଇ-ଡ୍ରାଇଭ୍ ଯୋଜନାରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ଇ.ଭି. ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠାପାଇଁ ମଞ୍ଜୁରି ମିଳିଛି । ପୂର୍ବରୁ ୭ଟି ସହରରେ ୧୭୦ଟି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଥିଲା । ଏହି ଯୋଜନାରେ ରାଜ୍ୟର ବିଭିନ୍ନ ଜାତୀୟ ତଥା ରାଜ୍ୟ ରାଜପଥ ନିକଟରେ ୨୯୦ଟି ନୂତନ ସାର୍ବଜନୀନ ଇ.ଭି. ଚାର୍ଜିଂ ଷ୍ଟେସନ ସ୍ଥାପନ ପାଇଁ ପ୍ରସ୍ତାବ ଦାଖଲ କରାଯାଇଥିବା ସୂଚନା ମିଳିଛି ।

Desk

ବାଲିଯାତ୍ରା, କଟକ

ଐତିହାସିକ ବାଲିଯାତ୍ରା, କଟକର ଆୟୋଜନପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଭୁବନେଶ୍ୱର ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ବାଲିଯାତ୍ରାକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ନେଇ ଗୁରୁତ୍ୱ ଦିଆଯାଇଛି । ଆସନ୍ତା ୨୪ରୁ ଡିସେମ୍ବର ମାସ ୧ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ ।

IPR

ହବିଷ୍ୟାଳୀ

ଚଳିତ ବର୍ଷ ପୁରୀରେ ଆୟୋଜିତ କାର୍ତ୍ତିକମାସ ହବିଷ୍ୟାଳୀ ବ୍ରତପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ କୋଟି ୩୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ହବିଷ୍ୟାଳୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ଏବଂ ସହଯୋଗ ପ୍ରଦାନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

Puri/R

ବନକଲାଗି

କାର୍ତ୍ତିକ କୃଷ୍ଣ ଦଶମୀ ତିଥିରେ ଆଜି ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜିଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

Desk

ସିଂହନାଥ - ପଞ୍ଚକ

କଟକ ଜିଲ୍ଲା ବଡ଼ମ୍ବାର ପ୍ରସିଦ୍ଧ ବାବା ସିଂହନାଥଙ୍କ ପୀଠରେ ପଞ୍ଚକ ଓ ବଡ଼ଓଷାକୁ ଦୃଷ୍ଟିରେ ଭିଡ଼ ନିୟନ୍ତ୍ରଣପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି

କରାଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା ୧୯ ତାରିଖ ମଧ୍ୟରାତ୍ରିରୁ ୨୪ ତାରିଖ ପର୍ଯ୍ୟନ୍ତ ଟି-ବ୍ରିଜ୍‌ରେ ଗାଡ଼ି ଚଳାଚଳ ନେଇ କଟକଣା ଜାରି କରାଯାଇଛି ।

Kendrapada/R

ଗଜଲକ୍ଷ୍ମୀ ଭସାଣ

କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଭସାଣ ଶେଷ ହୋଇଛି । ଭସାଣର ଶେଷ ପର୍ଯ୍ୟାୟରେ ସମସ୍ତ ମେଢ଼କୁ ବିସର୍ଜନ କରାଯିବା ପରେ କୁମାରୀ ଥାନପତି ଦେବୀ ମିଳନ ଆଧ୍ୟାତ୍ମିକ ଦେବନୀତି ଅନୁଷ୍ଠିତ ହୋଇଥିଲା ।

Nuapada/R

କଳାକାର ଚୟନ

ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ପରିଷଦ ପକ୍ଷରୁ 'ଆମ କଳାକାର' ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ସଂସ୍କୃତି ଓ ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ ସହ କଳାକାରଙ୍କୁ ଉପଯୁକ୍ତ ମଞ୍ଚ ଓ ସମ୍ମାନ ପ୍ରଦାନ କରିବାର ଏହା ଏକ ମାଧ୍ୟମ ବୋଲି ଜିଲ୍ଲାପାଳ କହିଛନ୍ତି ।

Bhadrak/R

ଭଦ୍ରକ ମହୋତ୍ସବ

ଭଦ୍ରକ ଜିଲ୍ଲାସ୍ତରୀୟ ମହୋତ୍ସବ ଓ ଚତୁର୍ଦ୍ଦଶ ପୁସ୍ତକ ମେଳା ଆରମ୍ଭ ହୋଇଛି । ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆସନ୍ତା ୧୨ ତାରିଖରେ ଏହି ମହୋତ୍ସବ ଉଦ୍‌ଯାପିତ ହେବ ।

*****